# Akashvani, Sambalpur

## SAMBALPURI NEWS EVENING BULLETIN

## 12 October 2025- 7.02 pm- 7.12 pm.

*********************************************

୧- ଗଲା ଦେଢ୍ ଶହ ବଛର୍ ଭିତ୍‌ରେ ଭାରତ୍‌ର ଜାଗରଣ୍‌ଥି ଆର୍ଯ୍ୟସମାଜ୍‌ର ଅବଦାନ୍ ଅତୁଳନୀୟ- କହେଲେ ମୁଖ୍ୟମନ୍ତ୍ରୀ ।

- ଭୁବ୍‌ନେଶ୍ୱର୍ ଠାନେ ଦେଢ୍ ଶହ ତମ ଥାପ୍‌ନା ଦିବସ୍ ଅବ୍‌ସରେ ହେଲେ ସାମିଲ୍ ।

୨- ସବୁ ବିଦ୍ୟାଲୟମାନ୍‌କେ ୟୁପିଆଇ ଜରିଏ ନାଁଲେଖା ଆଉ ପରୀକ୍ଷା ଫିସ୍ ଭର୍‌ବାର୍ ଲାଗି ଶିକ୍ଷା ମନ୍ତ୍ରଣାଳୟର୍ ନିଷ୍ପତି ।

୩- ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ଇ ଶିକ୍ଷା ବଛର୍ ଲାଗି ୩ ଟା ବିଭାଗ୍‌ଥି ଛାତ୍ରବୃତିର୍ ଲାଗି ମୁଲ୍ ହେଇଛେ ଆବେଦନ୍ ।

ଆଉର୍

୪- ଦେଶ୍‌କେ ପୋଲିଓ ମୁକ୍ତ କର୍‌ବାର୍ ଲାଗି ୧୪ ଟା ଜିଲ୍ଲା ଆଉ ମହାନଗର୍ ନିଗମ୍ ମାନ୍‌କେ ଦିଆଯାଉଛେ ପୋଲିଓ ବୁନ୍ଦା ।

ଆର୍ଯ୍ୟସମାଜ୍ ପ୍ରତିଷ୍ଠା ଦିବସ୍ -ମୁଖ୍ୟମନ୍ତ୍ରୀ/ଭୁବ୍‌ନେଶ୍ୱର୍

ସମ୍ବାଦଦାତା

ଭାରତ୍ ଯେତେବେଲେ ବିଦେଶୀ ଶାସନ୍ ଅଧୀନ୍‌ଥି ସଂଘର୍ଷ କରୁଥିଲା ସେତ୍‌କିବେଲେ ୧୮୭୫ ମସିହା ନ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଥାପ୍‌ନା କରିଥିବା ଆର୍ଯ୍ୟ ସମାଜ୍ ପରାଧୀନ୍ ଭାରତ୍ ନ ଅଜ୍ଞତାର୍ ଅନ୍ଧକାର୍ ଆସମାନତା ଭିତ୍‌ରେ ଉକିଆର୍ ସୂର୍ଯ୍ୟ ବାଗିର୍ ଉଦୟ ହେଇଥିଲା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଆର୍ଯ୍ୟ ସମାଜ୍‌ର ଶହେ ୫୦ ନମ୍ବର୍ ଥାପ୍‌ନା ଦିବସ୍ ଅବ୍‌ସରେ ଭୁବ୍‌ନେଶ୍ୱର୍ ଚନ୍ଦ୍ରଶେଖର୍‌ପୁର୍ ରେଲ୍ ଅଡିଟୋରିୟମ୍ ଠାନେ ହେଇଥିବା ଆର୍ଯ୍ୟ ମହାସମ୍ମେଲନ୍ ୨୦୨୫ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଯଦି ଆମେ ଗଲା ଦେଢ଼୍ ଶହ ବଛର୍‌କେ ଦେଖ୍‌ମା ଭାରତ୍‌ର ଜାଗରଣ୍‌ଥି ଆର୍ଯ୍ୟ ସମାଜ୍‌ର ଅବଦାନ୍ ଅତୁଳନୀୟ ।

ଆର୍ଯ୍ୟ ସମାଜ୍ ଖାଲି ଗୁଟେ ଧାର୍ମିକ୍ ସଂସ୍କାର୍ ଆନ୍ଦୋଲନ୍ ନୁହେଁ, ଇଟା ଗୁଟେ ନୈତିକ୍, ଶିକ୍ଷାଗତ୍ ଆଉ ସାମାଜିକ୍ ବିପ୍ଳବ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଆଉ ଅଲ୍‌ଗା ଅତିଥି ମାନେ ଗୁଟେ ସ୍ମରଣିକା ଭିଲ୍ ଉନ୍ମୋଚନ୍ କରିଥିଲେ ।

ବାଚସ୍ପତି ସୁରମା ପାଢ଼ୀ ରାଜ୍ୟ ଗୋଷ୍ଠୀ ସଂସଦୀୟ ସଂଘ ଆଉ ୯ ନମ୍ବର୍ ରାଜ୍ୟଗୋଷ୍ଠୀ ମହିଳା ସମ୍ମିଲନୀଥି ଯୋଗ୍ ଦେବାର୍ ଲାଗି ବାର୍ବାଡୋସ୍ ଗସ୍ତଥି ଯାଇଥିବାର୍ ବେଲେ ବ୍ରିଜ୍ ଟାଉନ୍ ଠାନେ ଜଲ୍‌ବାୟୁ ପରିବର୍ତନ୍ ଆଉ ବିଶ୍ୱ ସ୍ୱାସ୍ଥ୍ୟ ଉପ୍‌ରେ ତାର୍ କୁପ୍ରଭାବ୍‌ର ଦୀର୍ଘସ୍ଥାୟୀ ସମାଧାନ୍‌ର ବାଟ୍ ନିର୍ଦ୍ଧାରଣ୍ ଆଉ ଜାତୀୟ ସଂସଦ୍ ବନାମ୍ ପ୍ରାଦେଶିକ୍, ଆଂଚଲିକ୍ ଆଉ ବିକଶିତ୍ ବିଧାନ୍‌ସଭା କ୍ଷମତା ପୃଥକୀକରଣ୍‌କେ ସୁରକ୍ଷା ଆଉ ସଂଗଠନ୍ ଶୀର୍ଷକ୍ ଆଲୋଚନାଥି ନିଜର୍ ଅଭିଭାଷଣ୍ ରଖିଛନ୍ । ଜଲ୍‌ବାୟୁ ପରିବର୍ତନ୍ ଆଉ ତାର୍ ଦୀର୍ଘସ୍ଥାୟୀ କୁପ୍ରଭାବ୍ ଆଏଜ୍ ସାରା ପୁର୍‌ଥିର୍ ଲାଗି ବଡ଼ ଆହ୍ୱାନ୍ ଆଉ ଚିନ୍ତାର୍ ବିଷୟ ହେଇଛେ ବଲି ବାଚସ୍ପତି କହିଛନ୍ । ଓଡ଼ିଶା ନ ୧୯୯୯ ମହାବାତ୍ୟାଥି ୧୦ ହଜାର୍‌ନୁ ଅଏତ୍‌କା ଜୀବନ୍ ଯାଇଥିବାର୍ ସହେତେ ଇତାର୍ ଦୀର୍ଘସ୍ଥାୟୀ ପ୍ରଭାବ୍ ବହୁତ୍ ଦିନ୍‌ତକ୍ ଦେଖିବାର୍‌କେ ମିଲିଥିଲା । ୨୦୧୩ ମସିହା ଥି ଫାଇଲିନ୍, ୨୦୧୯ ମସିହାଥି ଫନି ଆଗ୍‌ତୁରା ଆକଲନ୍ କରିକରି ସରକାର୍ ସବୁ ପ୍ରକାରର୍ ସତର୍କତାମୂଲକ୍ ପଦକ୍ଷେପ୍ ନେଇଥିବାର୍‌ନୁ କ୍ଷୟକ୍ଷତିକେ ରୁକାଯାଇପାରିଥିଲା । ଇ ଦିଗେ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ୍

କର୍ତ୍ତୃପକ୍ଷଙ୍କର୍ ବଡ଼ ଭୂମିକା ରହିଥିଲା ବଲି ଶ୍ରୀମତୀ ପାଢ଼ୀ କହିଛନ୍ ।

ଏଜୁକେସନ୍ ମିନିଷ୍ଟ୍ରି -ୟୁପିଆଇ ଏନ୍ଏସ୍ଡି

ଦେଶର୍ ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ନ ଥିବା ବିଦ୍ୟାଲୟ ମାନ୍କୁ ୟୁପିଆଇ ଜରିଏ ଏଡ୍ମିସନ୍ ଆଉ ପରୀକ୍ଷା ଫିସ୍ ଗ୍ରହଣ୍ କର୍ବାର୍ ଲାଗି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଲୟ ପରାମର୍ଶ ଦେଇଛେ । ପ୍ରଶାସନିକ୍ ବ୍ୟବସ୍ଥାର୍ ଆଧୁନିକୀକରଣ୍ ଆଉ ଅଭିଭାବକ୍ ଆର୍ ଛାତ୍ରଛାତ୍ରୀମାନ୍କର୍ ଲାଗି ଇ ବ୍ୟବସ୍ଥାଥି ସହଜେ ଫିସ୍ ଦିଆଯାଇ ପାର୍ବା ବଲି କୁହାଯାଇଛେ । ଶିକ୍ଷା ମନ୍ତ୍ରଣାଲୟ ତର୍ଫୁ ଏନ୍ସିଇଆର୍ଟି, ସିବିଏସ୍ଇ, କେଭିଏସ୍ ଆଉ ଏନ୍ଭିଏସ୍ କର୍ତ୍ତୃପକ୍ଷଙ୍କୁ ୟୁପିଆଇ ବେଭାର୍ ଲାଗି ସଚେତନତା ସୃଷ୍ଟି କର୍ବାର୍କେ ପରାମର୍ଶ ଦିଆଯାଇଛେ । ୟୁପିଆଇ ଜରିଏ ଦେୟ ଗ୍ରହଣ୍ କରାଯିବାର୍ନୁ ନାଁଲେଖା ପ୍ରକ୍ରିୟା ସ୍ୱଚ୍ଛ ହେଇପାର୍ବା ବଲି ଶିକ୍ଷା ମନ୍ତ୍ରଣାଲୟ ତର୍ଫୁ କୁହାଯାଇଛେ ।

ବିକଶିତ ଭାରତ୍ ବିଲ୍ଡାଥନ୍-୨୦୨୫ ଆର୍ଏନ୍ୟୁ/ କଟକ୍

ଦେଶର୍ ସ୍କୁଲ୍ ଛାତ୍ରଛାତ୍ରୀମାନ୍କର୍ ଭିତ୍ରେ ସୃଜନଶକ୍ତି ବଢ଼ାବାର୍ ଲକ୍ଷ୍ୟଥି ବିକଶିତ ଭାରତ୍ ବିଲ୍ଡାଥନ୍-୨୦୨୫ ଆଏବା କାଏଲ୍‌ନୁ ସବୁ ବିଦ୍ୟାଳୟମାନ୍‌କେ ମୁଲ୍ ହେବା । ଗଲାକାଏଲ୍ ଇତାର୍ ପଞ୍ଜିକରଣ୍‌ର ଶେଷ୍ ତାରିଖ୍ ଥିଲା । ଶିକ୍ଷା ମନ୍ତ୍ରଣାଳୟର୍ ସ୍କୁଲ୍ ଶିକ୍ଷା ଆଉ ସ୍ୱାକ୍ଷରତା ବିଭାଗ୍ ତର୍‌ଫୁ ଅଟଲ୍ ଇନୋଭେସନ୍ ମିଶନ୍, ନୀତି ଆୟୋଗ୍ ଆଉ ଏଆଇସିଟିଇ ସହଯୋଗ୍‌ଥି ଇ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଉଛେ । ଭୋକାଲ୍ ଫର୍ ଲୋକାଲ୍, ଆତ୍ମନିର୍ଭର୍ ଭାରତ୍, ସ୍ୱଦେଶ ଆଉ ସମୃଦ୍ଧି ବାଗିର୍ ୪ ଟା ବିଷୟବସ୍ତୁ ଉପ୍‌ରେ ଇ କାର୍ଯ୍ୟକ୍ରମ୍ କରାଯାଉଛେ । ବିଲ୍ଡାଥନ୍ କାର୍ଯ୍ୟକ୍ରମ୍ ଦେଶେ ନୂଆଁ ଚିନ୍ତାଧାରାକେ ତହଁକବା ଆଉ ନୂଆଁ ପିଢ଼ିକେ ଉନ୍ନତ୍, ବିକଶିତ୍ ଆଉ ଆତ୍ମନିର୍ଭର ଭାରତ୍ ଗଢ଼୍‌ବାର୍ ଦିଗେ ମୁଖିଆ ଭୂମିକା ନେବାର୍ ଲାଗି ତୟାର୍ କର୍‌ବା । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ନୂଆଦିଲ୍ଲୀ ଠାନେ ଗଲା ସେପ୍ଟେମ୍ବର୍ ୨୩ ତାରିଖ୍ କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କରିଥିଲେ ।

ମହାନଦୀ ଉଚ୍ଚସ୍ତରୀୟ ବୈଠକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ମହାନଦୀ ଜଲ୍‌ବିବାଦ୍ ମାମ୍‌ଲା ନେଇକରି ଆଏବା ୨୮ ତାରିଖ୍ ଓଡ଼ିଶା ଆଉ ଛତିଶ୍‌ଗଡ଼୍ ଭିତ୍‌ରେ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେବା । ବୈଠକ୍‌ଥି ଦୁହି ରାଜ୍ୟ ଭିତ୍‌ରେ

ଜଲ୍‌ବିଭାଜନ୍ ଆଉ ପ୍ରକଳ୍ପ ଅନୁମୋଦନ୍‌କେ ନେଇକରି ଆଲୋଚନା ହେଇପାରେ । ଦୁହି ରାଜ୍ୟ ଭିତ୍‌ରେ ଲୋୟର୍ ସୁକ୍‌ତେଲ୍ ଜଲ୍‌ପ୍ରକଳ୍ପ ଆଗ୍‌କେ ବଢ଼୍‌ବାର୍ ଲାଗି ସହମତି ମିଲିଛେ । ଗଲାକାଏଲ୍ ମହାନଦୀ ଜଲ୍‌ବିବାଦ୍ ମାମ୍‌ଲାକେ ନେଇକରି ଟ୍ରିବ୍ୟୁନାଲ୍‌ଥି ୪୬ ନମ୍ବର୍ ଶୁଣାଣି ହେଇଥିଲା । ଓଡ଼ିଶା ତର୍‌ଫୁ ମାମ୍‌ଲାର୍ ସମାଧାନ୍ ଦିଗେ ଦୁହି ପକ୍ଷ କାମ୍ କରୁଛନ୍ ବଲି ଅବଗତ୍ କରାଯାଇଥିଲେ । ଆଏବା ନଭେମ୍ବର୍ ୧୫ ତାରିଖ୍‌କେ ଶୁଣାଣି ଦିନ୍ ଧାରିଜ୍ କରାଯାଇଛେ ।

ଛାତ୍ରବୃତି        ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ୨୦୨୫-୨୬ ଶିକ୍ଷାବଛର୍ ଲାଗି ମୁଖ୍ୟମନ୍ତ୍ରୀ ମେଧାବୀ ପ୍ରୋତ୍ସାହନ୍ ଯୋଜ୍‌ନା ଜରିଏ ବୃତି ପାଏବାର୍ ଲାଗି ଆବେଦନ୍ ଗ୍ରହଣ୍ କରାଯାଉଛେ । ଇ ମେଧାବୃତି ଯୋଜ୍‌ନାଥି ସ୍ନାତକ, ସ୍ନାତକୋତର, ବୈଷୟିକ ଆଉ ବୃତିଗତ ପାଠ୍ୟକ୍ରମ୍ ଲାଗି ଗରିବ୍ ଆଉ ମେଧାବୀ ଛାତ୍ରଛାତ୍ରୀମାନ୍‌କୁ ୧୦ ହଜାର୍ ୧୫ ହଜାର୍ ଆର୍ ୨୦ ହଜାର୍ ଟଙ୍କା ସାହାଜ୍ ଦିଆଯାଉଛେ । ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜ୍‌ନାଥି ଭିନ୍ ଭିନ୍ ପଛୁଆ ବର୍ଗର୍ ଛାତ୍ରଛାତ୍ରୀମାନ୍‌କୁ ବଛର୍‌କ ୨୦ ହଜାର୍ ଟଙ୍କା ବୃତି ଦିଆଯାଉଛେ । ଯେନ୍ ଛାତ୍ରଛାତ୍ରୀମାନ୍‌କର୍ ପରିବାର୍‌ର

ବଛର୍‌କର୍ କମାନି ୨ ଲାଖ୍ ୫୦ ହଜାର୍‌ନୁ କମ୍ ଥିବା ସେମାନେ ଇ ବୃତି ଲାଗି ଆବେଦନ୍ କରିପାର୍‌ବେ । ସେନ୍ତା ବ୍ୟାସକବି ଫକୀର୍ ମୋହନ୍ ଭାଷାବୃତି ଯୋଜ୍‌ନା ଅଧୀନ୍‌ଥି ଓଡ଼ିଆ ଭାଷା ନ ସ୍ନାତକୋତର୍ ପାଠ୍ୟକ୍ରମ୍‌ଥି ଯୋଗ୍ୟତା ପାଇଥିବା ସବୁ ଛାତ୍ରଛାତ୍ରୀମାନ୍‌କୁ ଏକାଥର୍‌କେ ୩୦ ହଜାର୍ ଟଙ୍କା ଦିଆଯିବା । ସ୍ନାତକ ପାଠ୍ୟକ୍ରମ୍‌ଥି ଓଡ଼ିଆକେ ମୁଖିଆ ବିଷେ ନେଇକରି ଯୋଗ୍ୟତା ପାଇଥିବା ଛାତ୍ରଛାତ୍ରୀମାନ୍‌କୁ ଏକାଥର୍‌କେ ୨୦ ହଜାର୍ ଟଙ୍କା ଦିଆଯିବା । ଇ ବାବଦ୍ ଅଏତ୍‌କା ତଥ୍ୟ ଉଚ୍ଚଶିକ୍ଷା ବିଭାଗ୍‌ର ୱେବ୍‌ସାଇଟ୍ www.scholarship.odisha.gov.in ଥି ମିଳିପାର୍‌ବା ।

ପଲ୍‌ସ୍ ପୋଲିଓ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶ୍‌କେ ପୋଲିଓ ମୁକ୍ତ କର୍‌ବାର୍ ଲାଗି କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ପୋଲିଓ ମୁକ୍ତ ଅଭିଯାନ୍ ଜାରି କରାଯାଇଛେ । ଜନମ୍‌ନୁ ୫ ବଛର୍ ବୟସର୍ ଛୁଆମାନ୍‌କୁ ୨ ବୁନ୍ଦା ପୋଲିଓ ଦିଆଯାଇକରି ପୋଲିଓ ନୁ ଜିତ୍‌ବାର୍ ଲାଗି ନିରନ୍ତର୍ ଚେରେଷ୍ଟା ଜାରି ରଖାଯାଇଛେ । ଆଏଜ୍ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ୍, ବୌଦ୍ଧ ରାଜ୍ୟର୍ ୧୪ ଟା ଜିଲ୍ଲା ଆଉ ସବୁ

ମହାନଗର୍ ନିଗମ୍ ଇଲାକା ନ ଛୁଆମାନ୍‌କୁ ପୋଲିଓ ବୁନ୍ଦା ଦିଆଯାଇଛେ ।

ସମ୍ବଲ୍‌ପୁର୍ ସଦର୍ ଡାକ୍ତର୍‌ଖାନା ନ ହେଇଥିବା ଉଦ୍‌ଘାଟନୀ କାର୍ଯ୍ୟକ୍ରମ୍‌ଥି ଡାକ୍ତର ସୁଧାଂଶୁ ପଣ୍ଡା ଇତାର୍ ଶୁଭାରମ୍ଭ କରିଥିଲେ । ଜିଲ୍ଲା ନ ମୋଟ୍ ୮ ଶହ ୮୨ ଟା ପଲ୍‌ସ୍ ପୋଲିଓ ବୁଥ୍ ସ୍ଥାପିତ୍ କରାଯାଇଥିଲା । ୪୧ ଟା ଟ୍ରାନ୍‌ଜିଟ୍ ଟିମ୍, ୨୧ ଟା ମୋବାଇଲ୍ ଟିମ୍, ୯୧ ଝନ୍ ସୁପର୍‌ଭାଇଜର୍‌ଙ୍କର୍ ସହେତେ ମୋଟ୍ ୧ ହଜାର୍ ୯ ଶହ ୭୯ ଝନ୍ କର୍ମଚାରୀ ଇ ଅଭିଯାନ୍‌ଥି ଭାଗ୍ ନେଇଥିଲେ । ଇ ବାବ୍‌ଦେ ସମ୍ବଲ୍‌ପୁର୍ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ କହିଛନ୍...
(ଭଏସ୍ ଓଭର୍- ଜିଲ୍ଲାପାଲ୍)

ବିଶ୍ୱ ଗଣ୍ଠିବାତ ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍ ହେଉଛେ ବିଶ୍ୱ ଗଣ୍ଠିବାତ ଦିବସ୍ । ଫି ବଛର୍ ଅକ୍ଟୋବର୍ ୧୨ ତାରିଖ୍ ଇ ଦିବସ୍ ପାଲନ୍ କରାଯାଏସି । ଇ ବଛର୍ ଇ ଦିବସ୍‌ର ବାର୍ତା ହେଉଛେ 'ସପନ୍‌ର ଶକ୍ତି - ବ୍ୟକ୍ତିଗତ ଲକ୍ଷ୍ୟ' । ଗଣ୍ଠିବାତ ରୋଗ୍ ଲାଗି ଲୁକ୍‌କୁ ସଚେତନ୍ କର୍‌ବାର୍‌ଟା ଇ ଦିବସ୍ ପାଲନ୍‌ର ମୁଲ୍ ଲକ୍ଷ୍ୟ ଆଏ । ୧୯୯୬ ମସିହା ନ ପହେଲାଥର୍ ଲାଗି ବିଶ୍ୱ ଗଣ୍ଠିବାତ୍ ଦିବସ୍ ପାଲନ୍ କରାଯାଇଥିଲା । ଇହାଦେର୍ ସମିଆଥି

ଆଣ୍ଠୁଗଣ୍ଠି ବାତ ସମସ୍ୟା ଭାବେ ଉଭା ହେଇଛେ । ଆର୍ଥରାଇଟିସ୍ ଗୁଟେ ଖଞ୍ଜା ଜନିତ ସମସ୍ୟା । ଖଞ୍ଜାଥି କେନ୍‌ସି ପ୍ରକାରର୍ ସମସ୍ୟା ଦେଖାଦେଲେ, ସେଟା ମୁନୁଷ୍‌କେ ଯା'ଆସ୍ କର୍‌ବାର୍‌ଥି ଅସୁବିଧା ହେସି । ଆର୍ଥରାଇଟିସ୍ ରୋଗ୍‌ନୁ ଦୂରେ ରହେବାର୍ ଆଉ ଇତାର୍ ସହେତେ ମୁକାବିଲା କର୍‌ବାର୍ ଲାଗି ଜୀବନ୍ ଶୈଲୀଥି ପରିବର୍ତନ୍ ଆନ୍‌ବାର୍ ଦର୍‌କାର୍ । ଇଥିର୍‌ଲାଗି ସବୁଦିନ ବ୍ୟାୟାମ୍ କର୍‌ବାର୍ ସହେତେ କିଛି ସମୟ ଚଲାବୁଲା କର୍‌ବାର୍ ଦର୍‌କାର୍ ।

## ହରଗୌରୀ ଯାତ୍ରା          ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ଢେରାପଡ଼ା ଠାନେ ଦେବାଙ୍ଗ ସମ୍ପ୍ରଦାୟର୍ ପ୍ରସିଦ୍ଧ ହରଗୌରୀ ଯାତ୍ରା ମୁଲ୍ ହେଇଛେ । ଶହ ଶହ ବଛର୍ ଆଘୋନୁ ଗୁଟେ ବଛର୍ ଅନ୍ତର୍‌ଥି ଚାଲି ଆସୁଥିବା ଇ ଯାତ୍ରା ୯ ଦିନ୍ ଧରିକରି ହେବା ।  ଇ ଯାତ୍ରାଥି ହରଗୌରୀ ଆବାହନ୍, କଲସ୍ ଥାପ୍‌ନା ସହେତେ ପାରମ୍ପରିକ୍ ପୂଜା ଆଉ ଆଲ୍‌ତୀ ହେଉଛେ । ଫି' ଦିନର୍ ସଞ୍ଝେ ମାହାପୁରୁଙ୍କର୍ କଲସ୍‌କେ ତେଲୁଗୁ ସମ୍ପ୍ରଦାୟର୍ ମହିଳାମାନ୍‌କର୍ ଦ୍ୱାରା ନଗର୍ ପରିକ୍ରମା କରାଯାଇକରି ସବୁ ଘରର୍ ଦୁଆର୍ ମାନ୍‌କେ ବନ୍ଦାପନା କରାଯାଉଛେ । ଇ ଅବ୍‌ସରେ ପଡ଼ା ନ

ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ସହେତେ ଭଜନ୍ ସମାରୋହ ଆୟୋଜନ୍ କରାଯାଉଛେ ।

ଦୌଡ଼କୁଦ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ କଲିଙ୍ଗ ଷ୍ଟାଡ଼ିୟମ୍ ନ ଭାରତୀୟ ଦୌଡ଼କୁଦ ସଂଘ, ଓଡ଼ିଶା ରାଜ୍ୟ କ୍ରୀଡ଼ା ଆଉ ଯୁବସେବା ବିଭାଗ୍ ଆର୍ ଓଡ଼ିଶା ଦୌଡ଼କୁଦ ସଂଘର୍ ମିଲିତ୍ ସହଯୋଗ୍‌ଥି ଚାଲିଥିବା ୪୦ ତମ ଜାତୀୟ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତାଥି ଗଲାକାଏଲ୍ ଦୁଇ ନମ୍ବର୍ ଦିନେ ଓଡ଼ିଶାକେ ଗୁଟେ କାଂସ୍ୟ ପଦକ୍ ମିଲିଛେ । ୧୮ ବଛର୍‌ନୁ କମ୍ ମହିଳା ଜାଭ୍‌ଲିନ୍ ଥ୍ରୋ'ଥି ଆଲୋକିକା ସ୍ୱାଇଁ ଇ ପଦକ୍ ହାସଲ୍ କରିଛନ୍ ।

ବିଜେପି କୋର୍ କମିଟି ବୈଠକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ବିଜେପି କାର୍ଯ୍ୟାଳୟ ନ ଆଏଜ୍ ଭାରତୀୟ ଜନତା ପାର୍ଟିର କୋର୍ କମିଟି ବୈଠକ୍ ହେଇଯାଇଛେ । ରାଜ୍ୟ ବିଜେପି ସଭାପତିଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ନୂଆପଡ଼ା ଉପ ନିର୍ବାଚନ୍ ବାବ୍‌ଦେ ଆଲୋଚନା କରାଯାଇଛେ ବଲି ଆମର୍ ସମ୍ବାଦଦାତା ଜନେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଏବା ୩ ନୁ ୪ ଦିନ୍ ଭିତ୍‌ରେ ଫିର୍‌ବାର୍ ଲାଗି ପାଗ୍ ଅନୁକୁଲ୍ ରହିଛେ ବଲି ପାଣିପାଗ୍ କାର୍ଯ୍ୟାଲୟ ତରଫୁ ସୂଚ୍‌ନା ଦିଆଯାଇଛେ । ଗଲା ୧୬ ବଛର୍ ଉତ୍‌ରୁ ଇ ବଛର ମେ ମାସ୍ ଶେଷ୍‌ତକ୍ ମୌସୁମୀ ଓଡ଼ିଶାକେ ଛୁଇଁଥିଲା । ଦକ୍ଷିଣ ବାଂଲାଦେଶ୍ ଆଉ ତାର୍ ପାଖର୍ ଉତର୍ ବଙ୍ଗୋପ୍‌ସାଗର୍ ଉପ୍‌ରେ ଗୁଟେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛେ । ଇତାର୍ ପ୍ରଭାବ୍‌ଥି ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ୯ ଟା ଜିଲ୍ଲାନ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତରଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।